# ଭାରତର ଟୁରିଜମ୍ ଡେଷ୍ଟିନେଶନ ହେବ ଓଡ଼ିଶା

- ଅଗ୍ରିମ ବୁକିଂ ପରେ ମିଳିବ ଆବଶ୍ୟକ ସେବା
- ପର୍ଯ୍ୟଟନର ବିକାଶ ସାଙ୍ଗକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଗରୁଡ଼ ସେବା
- ଖୁବ୍‌ଶୀଘ୍ର ହୀରାକୁଦରେ ହାଉସ ବୋଟ୍ ସେବା

## ରାଜ୍ୟର ପ୍ରଥମ ବିଳାସପୂର୍ଣ୍ଣ ହାଉସ୍ ବୋଟ୍ 'ଗରୁଡ଼'ର ଶୁଭାରମ୍ଭ




ଭୁବନେଶ୍ୱର,୯।୬

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ବିକାଶ ଇକୋ ରିସର୍ଟସ୍ ଚିଲିକାର ବରକୁଳଠାରେ ରାଜ୍ୟର ପ୍ରଥମ ବିଳାସପୂର୍ଣ୍ଣ ହାଉସ୍ ବୋଟ୍ 'ଗରୁଡ଼'ର ଶୁଭାରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମୋଡ୍‌ରେ ଏହାର ଉଦ୍‌ଘାଟନ କରି କହିଥିଲେ, ଏଭଳି ମନଲୋଭା ସେବା ଜରିଆରେ ଓଡ଼ିଶା ପର୍ଯ୍ୟଟନ ମଧ୍ୟ ଭାରତରେ ଏକ ଇକୋ ଟୁରିଜମ୍ ଡେଷ୍ଟିନେଶନ ହେବ। ସେହିଭଳି ଆଗାମୀ ଦିନରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହାର ଅଭିବୃଦ୍ଧି ମଧ୍ୟ ଘଟିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ବନ୍ଦର ଓ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହାୟତାରେ ବିକାଶ ତା'ର ହାଉସ୍ ବୋଟ୍ ସେବା ସବୁବର୍ଗର ପର୍ଯ୍ୟଟକଙ୍କୁ ଯୋଗାଇଦେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ, ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସମେତ ବିକାଶ ଗ୍ରୁପ୍‌ର ବହୁ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଅପରାହ୍ନରେ ସଂସ୍ଥା ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୁରଲୀ କ୍ରିଷ୍ଣା 'ଗରୁଡ଼' ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏପରିକି 'ଗରୁଡ଼' ସମସ୍ତ ସରକାରୀ ନିୟମ ପାଳନ ସହ ସବୁ ବର୍ଗର ପର୍ଯ୍ୟଟକଙ୍କୁ ଆବଶ୍ୟକ ସେବା ଯୋଗାଇଦେବ। ସେହିଭଳି ଖୁବ୍‌ଶୀଘ୍ର ଏହି ହାଉସ୍ ବୋଟ୍ ପ୍ରକଳ୍ପ ହୀରାକୁଦରେ ମଧ୍ୟ କାର୍ଯ୍ୟକାରୀ ହେବ ବୋଲି ମୁରଲୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୦୫ ଫୁଟ୍ ଦୈର୍ଘ୍ୟ ଓ ୨୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ ଏହି ବୋଟ୍ ୨ଟି ୮୮ଏଚ୍‌ପି ଦକ୍ଷତାଯୁକ୍ତ ଇଞ୍ଜିନ୍, ୩୫ କେଭି ଜେନ୍‌ସେଟ୍‌ରେ ପରିଚାଳିତ ହେଉଛି। ଏଥିରେ ୪ଟି ପ୍ରିମିୟମ୍ ଏବଂ ୨ଟି ସ୍ୱିଟ୍ ରୁମ୍ ରହିଛି। ଉକ୍ତ ବୋଟ୍‌ରେ ଚେକ୍ ଇନ୍ ଟାଇମ୍ ଦିନ ୧୨ଟା ଓ ଚେକ୍ ଆଉଟ୍ ଟାଇମ୍ ସକାଳ ୯ଟା ୩୦ମିନିଟ୍ ରହିବ। ଏପରିକି ଅଗ୍ରିମ ବୁକିଂ ଜରିଆରେ ପର୍ଯ୍ୟଟକଙ୍କୁ ଗରୁଡ଼ର ସେବା ମିଳିପାରିବ ବୋଲି ବିକାଶ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ଭି.ଶ୍ରୀନିବାସ, ଜି.ଭାସ୍କର ରାଓ, ଡି. ନାଗେଶ୍ୱର ରାଓ, ଗୌତମ କୁମାର ଅଗ୍ରୱାଲ୍, ଏମ୍.ଏଲ୍. ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୯।୬।୨୦୨୨

| | |
|---|---|
| ୩,୩୩,୫୨୦ ଟଙ୍କା | |
| ସୁନା | ୫୩୦ ମିଲି ଗ୍ରାମ |
| ରୁପା | ୨୩.୭୭୦ ଗ୍ରାମ |

## ୨୩ ବର୍ଷ ପରେ ହାଇକୋର୍ଟଙ୍କ ରାୟ
# ସରକାରୀ ଖାତାକୁ ଫେରିବ ୫ଶହ ଏକର ଜମି

ପୁରୀ ଅଫିସ,୯।୬

ସରକାରଙ୍କ ମାଲିକାନାକୁ ଫେରିବ ପୁରୀ ସିପସରୁ ବାଲି ଅଞ୍ଚଳରେ ଥିବା ୫ଶହ ଏକରରୁ ଅଧିକ ଜମି। ରାଜ୍ୟ ସରକାରଙ୍କ ସପକ୍ଷରେ ଏହି ରାୟ ଶୁଣାଇଛନ୍ତି ହାଇକୋର୍ଟ। ଦୀର୍ଘ ୨୩ ବର୍ଷ ଧରି ରାଧାକାନ୍ତ ମଠ ପକ୍ଷରୁ ଚାଲିଥିବା ମାମଲାର ଶୁଣାଣି କରି ଗତ ୭ତାରିଖରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଧାକାନ୍ତ ମଠ ପକ୍ଷରୁ ସିପସରୁବାଲି ଅଞ୍ଚଳର ୫ଶହ ଏକର ଜମିକୁ ନିଜର ବୋଲି ଦାବି କରାଯାଇଆସୁଥିଲା। ୧୯୯୯ ମସିହାରେ ଏ ନେଇ ମଠ ପକ୍ଷରୁ ହାଇକୋର୍ଟରେ ରିଟ୍ ପିଟିଶନ ଦାୟର କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ସିପସରୁବାଲି ଅଞ୍ଚଳର ୫୩୩ ଏକର ଜମିର ମାଲିକାନା ଦାବି କରି ରାଧାକାନ୍ତ ମଠ ପକ୍ଷରୁ ୧୯୯୬ ମସିହାରେ ପ୍ରଥମେ ପୁରୀ ତହସିଲଦାରଙ୍କ କୋର୍ଟରେ ମାମଲା ହୋଇଥିଲା। ତହସିଲଦାର ଏଭଳି ଦାବି ଖାରଜ କରିବା ପରେ ଉପଜିଲାପାଳଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ସେଠାରେ ମଧ୍ୟ ମାମଲା ଖାରଜ ହେଲା। ଏହାପରେ ଅତିରିକ୍ତ ଜିଲାପାଳଙ୍କ କୋର୍ଟରେ ଏସଂକ୍ରାନ୍ତ ଆବେଦନ ଖାରଜ ହୋଇଥିଲା। ପରେ ୧୯୯୯ରେ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରାଯାଇଥିଲା। ତାହା ଏପର୍ଯ୍ୟନ୍ତ ବିଚାରାଧୀନ ଥିଲା। ବିଭିନ୍ନ ପକ୍ଷକୁ ଶୁଣିବା ପରେ ହାଇକୋର୍ଟ ଗତ ୭ ତାରିଖରେ ରାୟ ଶୁଣାଇଛନ୍ତି। ରାୟରେ ଜମିର ମାଲିକାନା ସରକାରଙ୍କ ପାଖରେ ରହିବ ବୋଲି କହିଛନ୍ତି। ସରକାରୀ ଖାତାକୁ ଜମି ଫେରାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏବେ ସରକାରୀ ଖାତାକୁ ଜମି ଫେରାଇବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ୨୦୧୨ରେ ହାଇକୋର୍ଟ ଏକ ଅନ୍ତରୀଣ ରାୟରେ ମଠ ପାଖରେ ଜମିର ମାଲିକାନା ରହିବ ବୋଲି କହିଥିଲେ। ମାତ୍ର ୭ତାରିଖ ରାୟ ପରେ ଅନ୍ତରୀଣ ରାୟ ନାକଚ ହୋଇଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଇସିସିଆର୍ କାର୍ଯ୍ୟାଳୟ କୋଲକାତାକୁ ସ୍ଥାନାନ୍ତର ପ୍ରତିବାଦରେ ପ୍ରେରଣା ପକ୍ଷରୁ ଗଣଧାରଣା, ପଳାଶପଲ୍ଲୀସ୍ଥିତ ଆଇସିସିଆର୍ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଦି ଏଲ୍ କେ ମହାପାତ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ 'ଦି ଏଲ୍‌କେଏମ୍ ସେଣ୍ଟର ଏବଂ ଲାଇବ୍ରେରି' ଉଦ୍‌ଘାଟନ, ୧୬, ସତ୍ୟନଗର, ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ୨୩ତମ ବାର୍ଷିକ ଉତ୍ସବ, କେଶରୀ ହୋଟେଲ, ପୂର୍ବାହ୍ନ ୧୧ଟା ୩୦।
- ବାଣୀଚିତ୍ରର ୫୪ତମ ବାର୍ଷିକ ଉତ୍ସବ ଏବଂ ପରିକ୍ଷିତ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଣୀଚିତ୍ର ସିନେ ଆୱାର୍ଡ୍ସ, ଜୟଦେବ ଭବନ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟାୟନ ପକ୍ଷରୁ ୩୦ତମ ବାର୍ଷିକ ଉତ୍ସବ 'ଗୁରୁଦେବ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଦୁଇ ଜଣ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବ, ନୂତନ ସମ୍ମିଳନୀ କକ୍ଷ, ହାଇକୋର୍ଟ ପରିସର, ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଷ୍ଟେକ ହୋଲ୍‌ଡରଙ୍କ ସହ ଜିଲାସ୍ତରୀୟ ସମ୍ବେଦନଶୀଳତା ବୈଠକ, ବାରବାଟୀ ପ୍ୟାଲେସ୍, ପୂର୍ବାହ୍ନ ୧୧ଟା।
- କଳା ବିକାଶ କେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଶିବିରର ପଞ୍ଚମ ସନ୍ଧ୍ୟା, କେନ୍ଦ୍ର ପରିସର, କେଭିକେ ମାର୍ଗ, ଅପରାହ୍ନ ୫ଟା।
- ଗପଘର ଓ ଆମ ସଂସ୍କୃତି ମିଳିତ ଆନୁକୂଲ୍ୟରେ ଗଳ୍ପ ପୁସ୍ତକ 'ଛାଇ ଆଲୁଅ'ର ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ରାମାୟଣ ଦୃଶ୍ୟକାବ୍ୟ ନାଟକ 'ବାଳି ବଧ' ମଞ୍ଚସ୍ଥ, ଶ୍ରୀ ଶ୍ରୀ ବୁଢ଼ୀମଙ୍ଗଳା ରାମଲୀଳା ସମିତି, ମଙ୍ଗଳାବାଗ, ରାତି ୮ଟା।

# ରୋଷଘରେ ଲାଗିବ ନୂଆ ଖାଣ୍ଡେଲାଇଟ୍ ପଥର

- ଶ୍ରୀମନ୍ଦିର ଦକ୍ଷିଣଦ୍ୱାରରେ ଲାଗୁଛି ସିସିଟିଭି
- ରଥ କାମ ଯାଞ୍ଚ କଲା ମିଳିତ କମିଟି

ପୁରୀ ଅଫିସ,୯।୬:

ଚଳିତବର୍ଷ ଶ୍ରୀମନ୍ଦିର ରୋଷଘରେ ନୂଆ ଖାଣ୍ଡେଲାଇଟ୍ ପଥର ଲଗାଯିବ। ସେହିପରି ଆସନ୍ତା ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଗର୍ଭଗୃହ ଓ ନାଟମଣ୍ଡପ ମରାମତି ସହ କଳାହାଟ ଦ୍ୱାର ରୁପାଛାଉଣି କାର୍ଯ୍ୟ ଶେଷ କରାଯିବ। ସମ୍ପ୍ରତି ରଥଯାତ୍ରା ପାଇଁ ସିସିଟିଭି କ୍ୟାମେରା ଲଗାଯାଉଥିବାବେଳେ ଗୁରୁବାର ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ ଓ ପୂର୍ତ୍ତ ବିଭାଗର ମିଳିତ କମିଟି ପକ୍ଷରୁ ଗୁରୁବାର ରଥ ନିର୍ମାଣ କାର୍ଯ୍ୟ ଯାଞ୍ଚ କରାଯାଇଛି। କମିଟିର ସଦସ୍ୟ ତଥା ଅଧିକାରୀମାନେ ରଥଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟର ସ୍ଥିତି ପରଖିବା ସହ ଠିକ ଭାବେ କାମ ହେଉଛି କି ନାହିଁ ତାହା ତଦାରଖ କରିଥିଲେ। ସ୍ନାନଯାତ୍ରା ପୂର୍ବରୁ ରଥକାର୍ଯ୍ୟ ଅଗ୍ରଗତି ଯେଉଁଭଳି ଭାବେ ହେବା କଥା ତାହା ହୋଇଛି କି ନାହିଁ ତାହା ବୁଝିଥିଲେ। ରଥ ଚକ ଓସାରଠାରୁ ଆରମ୍ଭକରି ଚକର ବିଭିନ୍ନ ଅଂଶକୁ ଟିମ୍ ମାପଚୁପ କରିଛି। ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଏନ.ସି. ପାଲ୍, ଯନ୍ତ୍ରୀ ବିଦେଶ୍ୱର ପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ପ୍ରମୁଖ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଏଏସ୍‌ଆଇ, ରାଜ୍ୟ ପୂର୍ତ୍ତ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନର ଏକ ମିଳିତ ବୈଠକ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ସମୟରେ କିଭଳି ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ଓ ଭୋଗମଣ୍ଡପ ଇତ୍ୟାଦିର ମରାମତି ହେବ ସେନେଇ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଭିତର ଅଂଶକୁ କେମିକାଲ୍ କ୍ଲିନିଂ କରାଯିବା ପରେ ଫାଟ ମରାମତି କରାଯିବ। ନାଟମଣ୍ଡପରେ ହୋଇଥିବା ଫାଟ ମଧ୍ୟ ମରାମତି କରାଯିବ। କଳାହାଟ ଦ୍ୱାର ରୁପାଛାଉଣି କାର୍ଯ୍ୟ ପୂର୍ବବର୍ଷ ରଥଯାତ୍ରା ସମୟରେ ସରି ନ ଥିଲା। ଚଳିତ ବର୍ଷ ରଥଯାତ୍ରା ସମୟରେ ତାହାକୁ ଶେଷ କରାଯିବ। ବୈଠକରେ ଏଏସ୍‌ଆଇ ଅଧିକାରୀମାନେ ମରାମତି କାର୍ଯ୍ୟରେ ସେବାୟତମାନଙ୍କର ସହଯୋଗ ଲୋଡ଼ିଛନ୍ତି। ସେହିଭଳି ଏଏସ୍‌ଆଇ ରୋଷଘର ଚଟାଣରେ ନୂଆ ଖାଣ୍ଡେଲାଇଟ୍ ପଥର ଲଗାଇବ। ଅଧିକାଂଶ ପଥର ନଷ୍ଟ ହୋଇଥିବାରୁ ଏହି କାର୍ଯ୍ୟ ଚଳିତ ବର୍ଷ କରାଯିବ। ଅନ୍ୟପକ୍ଷରେ ସ୍ନାନଯାତ୍ରାରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ୍ କରାଯାଉଛି। ଦୁଇଟି ପୃଥକ ବ୍ୟାରିକେଡ୍ ମଧ୍ୟରେ ଭକ୍ତମାନେ ଯାଇ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରିପାରିବେ। ଶ୍ରୀମନ୍ଦିରକୁ ଯିବା ପାଇଁ ମଧ୍ୟ ବ୍ୟାରିକେଡ୍‌ରେ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା ହେଉଛି। ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳୀଠାରୁ ବ୍ୟାରିକେଡ୍ କରାଯାଉଛି। ଦକ୍ଷିଣ ଦ୍ୱାରରେ ସିସିଟିଭି କ୍ୟାମେରା ଲଗାଯାଉଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତାବ ପଠାଯାଇଥିଲେ ହେଁ ଜିଲା ପ୍ରଶାସନ ଏପର୍ଯ୍ୟନ୍ତ ସିସିଟିଭି ଲଗାଇବା ସମ୍ପର୍କରେ ସୂଚନା ଦେଇନାହିଁ। ଶ୍ରୀମନ୍ଦିର ଚାରିପାଖ ଓ ସ୍ନାନବେଦୀ ସମ୍ମୁଖରେ ସିସିଟିଭି ଲଗାଇବା ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇନାହିଁ। ଶ୍ରୀମନ୍ଦିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକ କହିଛନ୍ତି, ସିସିଟିଭି ଲଗାଯିବା ନେଇ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ଜିଲାପାଳଙ୍କ ଉତ୍ତର ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ସ୍ଥାନ ଚିହ୍ନଟ କରିବ। ଜିଲା ପ୍ରଶାସନକୁ ଏ ନେଇ ଅବଗତ କରାଯିବ। ତେବେ ଶ୍ରୀମନ୍ଦିର ଚାରିପାଖରେ କାହା ପକ୍ଷରୁ ସିସିଟିଭି ଲଗାଯିବ ତାହା ସ୍ପଷ୍ଟ ହୋଇପାରୁନାହିଁ। ପୋଲିସ ପ୍ରଶାସନ ପକ୍ଷରୁ ସାହି କମିଟିଗୁଡ଼ିକର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଚାରିପାଖରେ ଥିବା ସାହି କମିଟିର କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ସ୍ନାନଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ଯୋଗାଇଦେବା ପାଇଁ ସାହିବାସିନ୍ଦାଙ୍କୁ ଅନୁରୋଧ କରାଯାଇଛି। ସ୍ୱେଚ୍ଛାସେବୀମାନେ ସେବାୟତଙ୍କୁ ଚିହ୍ନଟ କରିବାରେ ପୋଲିସକୁ ସହଯୋଗ କରିବେ।



ମିଳିତ କମିଟି ପକ୍ଷରୁ ରଥ ଚକ ଏବଂ ଅନ୍ୟାନ୍ୟ ଅଂଶ ଯାଞ୍ଚ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସିପ୍ରା



@ ଲମ୍ବୋଦର



@ ନିରଞ୍ଜନ



@ ଅନନ୍ତ



@ ତୁଷାର

# ଚାଇନା ରାଷ୍ଟ୍ରଦୂତଙ୍କ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ

ବଡ଼ମ୍ବା,୯।୬(ଡି.ଏନ୍.ଏ.)

କୋଲକାତାରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ ଜାଇଲୁ ଗୁରୁବାର କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧର ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନରେ ଆସିଥିଲେ। ମାଣିଆବନ୍ଧ ବୌଦ୍ଧ ସଂଘର ଉପାସକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ହସ୍ତତନ୍ତରେ ପ୍ରସ୍ତୁତ ବୁଦ୍ଧଦେବଙ୍କ ୱାଲ ହ୍ୟାଙ୍ଗିଙ୍ଗ୍ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଆଗାମୀ ଦିନରେ ଚାଇନାର ଉପାସକ ଓ ଏଠିକାର ଉପାସକ ମଧ୍ୟରେ ବନ୍ଧୁତା ନିବିଡ଼ ହୋଇ ବିଶ୍ୱକୁ ଦିଗ୍‌ଦର୍ଶନ ଦେବ। ମାଣିଆବନ୍ଧରେ ହେବାକୁ ଥିବା ସୁଉଚ୍ଚ ବୁଦ୍ଧ ପ୍ରତିମା ନିମନ୍ତେ ସାହାଯ୍ୟ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସଂଘର ସମ୍ପାଦକ ଅଜିତ ଚୌଧୁରୀ, ନିରଞ୍ଜନ ପାତ୍ର, ଦେବରାଜ ଦେବତା, ଲକ୍ଷ୍ମୀଧର ପାତ୍ର, ଆକୁଳ ନନ୍ଦୀ, ପ୍ରାଙ୍କମୋହନ ପାତ୍ର, ଅଖିଳ ଚୌଧୁରୀ, ପ୍ରୀତମ କୁମାର, ଅରୁଣ ଦତ୍ତ, ଶାକ୍ୟ ମୋହନ ପାତ୍ର ଓ ରୋଜାଲିନ ପାଟଶାଣୀ ପ୍ରମୁଖ ଯୋଗଦେଇଥିଲେ। ପରେ ଜାଇଲୁ ମାଣିଆବନ୍ଧର କିଛି ବୌଦ୍ଧ ଉପାସକଙ୍କ ଗୃହକୁ ଯାଇ ତନ୍ତକାର୍ଯ୍ୟ ବୁଲି ଦେଖିବା ସହ ମାଣିଆବନ୍ଧର ସର୍ବ ପୁରାତନ ବୁଦ୍ଧଦେବଙ୍କ ମନ୍ଦିରରେ ଦର୍ଶନ ସାରି ଫେରିଯାଇଥିଲେ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲାରେ ସୁପ୍ରିମକୋର୍ଟ ଦୁଇ ଆବେଦନକାରୀଙ୍କୁ ୧ଲକ୍ଷ ଲେଖାଏ ଜରିମାନା ଆଦେଶ ଦେଇଥିବାରୁ ଜଗନ୍ନାଥ ସେନା ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଓ ଅନ୍ୟମାନେ ଟଙ୍କା ଯୋଗାଡ଼ ପାଇଁ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଜୋତା ପଲିସ କରୁଛନ୍ତି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ସୌରଭ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୌରଭ ନାୟକ ଓ ଅନ୍ୟମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।



ଚାଇନା ରାଷ୍ଟ୍ରଦୂତ ଜାଇଲୁ ମାଣିଆବନ୍ଧର ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନରେ ଆସିଥିବାବେଳେ ବୌଦ୍ଧ ସଂଘ ପକ୍ଷରୁ ବୁଦ୍ଧଦେବଙ୍କ ୱାଲ ହ୍ୟାଙ୍ଗିଙ୍ଗ୍ ପ୍ରଦାନ କରାଯାଉଛି।

